# ଗ୍ରାମୀଣ କୃଷି ମୌସମ ସେବା


ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)



ପତ୍ରିକା ସଂଖ୍ୟା-୬୧/୨୫


**ଜିଲ୍ଲା-ଭଦ୍ରକ** ତା.୦୧.୦୮.୨୦୨୫

**ପାଣିପାଗ ପୂର୍ବାନୁମାନ ( ତା.୦୬.୦୮.୨୦୨୫ ପର୍ଯ୍ୟନ୍ତ )-** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୧୧-୧୪ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି| ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୫-୩୬°C ଏବଂ ୨୫-୨୭° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 2025-08-02 | 5 | 36 | 25 | 5 | 80 | 56 | 14 | 247 |
| | 2025-08-03 | 5 | 35 | 26 | 5 | 80 | 57 | 15 | 245 |
| | 2025-08-04 | 4 | 35 | 26 | 5 | 80 | 54 | 14 | 229 |
| | 2025-08-05 | 4 | 35 | 27 | 4 | 82 | 55 | 11 | 221 |
| | 2025-08-06 | 4 | 36 | 27 | 4 | 84 | 52 | 11 | 221 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | ➢ ବୃଷ୍ଟିପାତ ସ୍ଥିତିକୁ ବିଚାରକୁ ନେଇ କୃଷକମାନେ ଜଳ ମଗ୍ନ କ୍ଷେତରୁ ଅଧିକ ଜଳ ନିଷ୍କାସନ କରନ୍ତୁ ଏବଂ ଅତିରିକ୍ତ ଜଳକୁ ନିକଟସ୍ଥ ପୋଖରୀ / କେନାଲରେ ଗଚ୍ଛିତ କରି ରଖନ୍ତୁ ।<br>➢ ବର୍ଷା ଋତୁରେ ଟିକ୍ସ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ। | |
|---|---|---|
| ଫସଲର ନାମ | ଫସଲର ଅବସ୍ଥା | ପାଣିପାଗ ଭିତ୍ତିକ ପରାମର୍ଶ |
| ଖରିଫ ଧାନ | ନର୍ସରୀ/ ରୋପଣ | ➢ ବର୍ଷା ଜଳକୁ ବିନିଯୋଗକରି ରୁଆ କାମ ଶୀଘ୍ର ଶେଷ କରନ୍ତୁ ।<br>➢ ଧାନରେ କାଣ୍ଡ ବିନ୍ଧା ପୋକ ଓ ରୋଗ ଆକ୍ରମଣକୁ ହ୍ରାସ କରିବା ପାଇଁ ଟ୍ରାଇସାଇକ୍ଲାଜୋଲ ଏବଂ ପ୍ଲାଣ୍ଟୋମାଇସିନ୍ @୧ ଗ୍ରାମ/ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>➢ ଜମିକୁ ଭଲ ଭାବେ କାଦୁଅ କରି ମୂଳସାର (ସବୁତକ ଫସଫରସ ଓ ପଟାସ ସାର ଏବଂ ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର) ପ୍ରୟୋଗ କରନ୍ତୁ ।ଯଦି ମୃତ୍ତିକା ପରୀକ୍ଷା କରିନଥାନ୍ତି ତେବେ ୧୨୦ ରୁ ୧୫୦ ଦିନ ମଧ୍ୟରେ ଅମଳ ହେଉଥିବା କିସମ ପାଇଁ ଏକର ପିଛା ୩୨-୧୬-୧୬ କି.ଗ୍ରା. ଏନ.ପି.କେ. ସାରା ଆବଶ୍ୟକ ।<br>➢ ବୁଣାଧାନ ଫସଲରେ ବର୍ଷା ପରେ ବେଉଷଣ କାମ ଶେଷ କରନ୍ତୁ । |
| ନଳିତା | ତରୁଣୀ ଅବସ୍ଥା | ➢ ନଳିତା ଗଛ ଅଧିକ ଲମ୍ବା ହେବା ପାଇଁ ଅନ୍ତଃଚାଷ ସମୟରେ ଶାଖା ପ୍ରଶାଖା ଗୁଡ଼ିକୁ ଭଲ ଭାବେ ଛିଣ୍ଡାଇ ଦିଅନ୍ତୁ।<br>➢ ବର୍ତ୍ତମାନ ବର୍ଷା ଯୋଗୁ ନଳିତାରେ ତୃଣକ ଜନସଙ୍ଖ୍ୟାକୁ ବୃଦ୍ଧି କରିବ , ଘାସକୁ ନିୟନ୍ତ୍ରଣ କରିବା ପାଇଁ କୁଇଜଲଫପ-ପେଥିଲ 2 ମି.ଲି /ଲିଟର ପାଣି ପ୍ରୟୋଗ କରନ୍ତୁ। |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଆଖୁ ଫସଲରୁ ଅଧିକ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ ।<br>❖ ଆଖୁ ଫସଲକୁ ଉପଯୁକ୍ତ ସମୟ ବ୍ୟବଧାନରେ ଜଳସେଚନ ଦିଆଯିବା ଉଚିତ୍ \| ବିକଳ୍ପ ଧାଡିଗୁଡ଼ିକୁ ଜଳସେଚନ କରନ୍ତୁ ଏବଂ ଆଖୁ ଆବର୍ଜନାକୁ ମଲଚିଂ ଭାବରେ ପ୍ରୟୋଗ କରନ୍ତୁ \|ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| ପନିପରିବା | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ବାଇଗଣ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ । |

| | | |
|---|---|---|
| | | ➢ ବାଇଗଣ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୪ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ , ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachlopríd @୨୫୦ମିଲି /ଲିଟର ପ୍ରୟୋଗ କରନ୍ତୁ । |
| **ଫଳ** | **ଫଳ ଅବସ୍ଥା** | ➢ ଅମୃତଭଣ୍ଡାରେ ପତ୍ର ମୋଚା ରୋଗ ଏକ virus ଜନିତ ରୋଗ ଏହାକୁ ନିୟନ୍ତ୍ରଣ କରିବାପାଇଁ ଅଧିକ ଆକ୍ରାନ୍ତ ପତ୍ର କୁ ଛିଣ୍ଡାଇ ପୋତି ଦିଅନ୍ତୁ। ହଳଦିଆ ଅଠାଳିଆ କାର୍ଡ ଏକର ପ୍ରତି 15ଟି ବ୍ୟବହାର କରନ୍ତୁ କିମ୍ବା Diafenthiuron 50%WP ଲିଟର ପ୍ରତି 1.5gm କିମ୍ବା ( Bufrofezin 15%+Acephate 35%WP) ଲିଟର ପ୍ରତି 2gm କିମ୍ବା (Diafenthiuron 40%+Spinetoram 5%SC )ଲିଟର ପ୍ରତି 1.5ml ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ। |
| **ମାଛ ଚାଷ** | | ❖ ମାଛ ଯାଆଁଳ ଉତ୍ପାଦନ କରୁଥିବା ନିର୍ଭରଯୋଗ୍ୟ ପ୍ରତିଷ୍ଠାନରୁ ଏକର ପରିମିତ ଜଳାଶୟ ପାଇଁ ୩୦୦୦ ମୁଣ୍ଡା ଯାଆଁଳ ସଂଗ୍ରହ କରନ୍ତୁ ।<br>❖ ତିନି ପ୍ରକାରର ମାଛ ଉତ୍ପାଦନ କରିବାକୁ ଚାହୁଁଥିଲେ ୯୦୦ଗୋଟି ଭାକୁର , ୧୨୦୦ଗୋଟି ରୋହି ଓ ୯୦୦ଗୋଟି ମିରିକାଳି ଯାଆଁଳ ଛାଡନ୍ତୁ ।<br>❖ ଛଅ ପ୍ରକାରର ମିଶ୍ରିତ ମାଛ ଉତ୍ପାଦନ କରିବାକୁ ଚାହୁଁଥିଲେ ୮୦୦ଗୋଟି ଭାକୁର , ୧୨୦୦ଗୋଟି ରୋହି , ୫୦୦ଗୋଟି ମିରିକାଳି, ୩୦୦ଗୋଟି ବିଲାତିରୋହି, ୧୦୦ଗୋଟି ଗ୍ରାସକାର୍ପ ଓ ୧୦୦ଗୋଟି ସିଲଭର କାର୍ପ ଯାଆଁଳ ଛାଡନ୍ତୁ ।ଯେ କୌଣସି ପରିସ୍ଥିତିରେ ଜଳର ଗଭୀରତା ୫ ଫୁଟରୁ କମ ନ ରହିବା ଆବଶ୍ୟକ। |
| **ପଶୁପାଳନ** | | ❖ ଆଦ୍ର ପରିବେଶରେ ଗୁହାଳ ଭିତରେ ରୋଗ ବ୍ୟାପିପାରେ ତେଣୁ ଏହାକୁ ନିୟମିତ ଭାବେ ସଫା କରନ୍ତୁ।<br>❖ ଯଦି ପଶୁମାନଙ୍କୁ ଏଫଏମଡି , ହେମୋରେଜିକ୍ ସେପ୍ଟିକେମିଆ , ବ୍ଲାକ୍ କ୍ୱାର୍ଟର୍ , ଏଣ୍ଟେରୋଟକ୍ସେମିଆ ଇତ୍ୟାଦି ଟୀକାକରଣ କରାଯାଇ ନାହିଁ, ତେବେ ଏହା କରିବା ଜରୁରୀ | |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital